SAMBALPUR 25 Sep, 2026

# ଭିସୁଟ୍‌ରେ ଜାତୀୟ ସେବା ଯୋଜନା ଦିବସ



ବୁର୍ଲା,୨୪।୯(ଆପ୍ର): ସେବା, ସମର୍ପଣ ଓ ସମାଜ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ନେଇ ବୁର୍ଲା ଭିସୁଟ୍‌ରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଛି। ଚଳିତବର୍ଷ 'ମୁଁ ନୁହେଁ, ବରଂ ଆପଣ' ବାର୍ତ୍ତାକୁ ପାଥେୟ କରି ଆୟୋଜିତ କାର୍ଯ୍ୟକ୍ରମରେ ସେବା, ଏକତା, ସହାନୁଭୂତି ଓ ନିଃସ୍ୱାର୍ଥପରତାର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ବୁର୍ଲା ଏନ୍‌ଏସ୍‌ଏସ୍ ବ୍ୟୁରୋର

## ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ପୂରବ ପଟ୍ଟନାୟକ ସମ୍ମାନିତ

ସଂଯୋଜିକା ଡ. ନିବେଦିତା ପଟେଲଙ୍କ ସମେତ ସମସ୍ତ ପ୍ରୋଗ୍ରାମ ଅଫିସର୍ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ଅନିଲ କୁମାର କର ଯୋଗଦେଇ ନିଃସ୍ୱାର୍ଥ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ସପ୍ତମ ସେମିଷ୍ଟାର୍ ଛାତ୍ର ପୂରବ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ' ଭାବେ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ଅନିଲ କୁମାର କର ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟ୍-୧ର ପ୍ରୋଗ୍ରାମ ଅଫିସର୍ ଡ. ସୁବ୍ରତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।